# Akashvani, Sambalpur

## SAMBALPURI NEWS EVENING BULLETIN

**16 November 2024- 7.02 pm- 7.12 pm.**

*********************************************

୧- ରାଏଜେ ଆଏବା ୫ ବଛର୍ ଭିତ୍‌ରେ ୫ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଲାଗି ରହିଛେ ଯୋଜନା- କହେଲେ ମୁଖ୍ୟମନ୍ତ୍ରୀ ।

୨- ଗଣମାଧ୍ୟମ୍‌ର ବଦ୍‌ଲୁଥିବାର୍ ରୂପ୍ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ପ୍ରେସ୍ ଦିବସ୍ ।

- ଡିଜିଟାଲ୍ ମିଡ଼ିଆ ଯୁଗେ ଭୁଲ୍ ଖବର୍ ପ୍ରଚାର୍ ଗୁରୁତର ସମସ୍ୟା ସୃଷ୍ଟି କରିପାରେ- କହେଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ।

୩- ସମ୍ବଲପୁର ସହେତେ ରାଜ୍ୟର୍ ୩ ଟା ଜାଗା ନ ପ୍ରତିଷ୍ଠା କରାଯିବା ଓମ୍‌ଫେଡ୍‌ର ଡାଇରୀ ପ୍ଲାଂଟ୍ ।

ଆଉର୍

୪- ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଆଏଜ୍‌ଠାନୁ କମ୍‌ବା ରାତିର୍ ତାତି ।

ମୁଖ୍ୟମନ୍ତ୍ରୀଙ୍କର୍ ସିଙ୍ଗାପୁର୍ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟକେ ବିଦେଶୀ ପୁଞ୍ଜିନିବେଶ ଆକର୍ଷିତ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୫ ଦିନିଆ ସିଙ୍ଗାପୁର୍ ଗସ୍ତ୍‌ଥି ଯାଇଛନ୍ । ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ଗଣମାଧମ୍‌କେ ସୂଚ୍‌ନା ଦେଇକରି ଶ୍ରୀ ମାଝୀ କହିଛନ୍ ଯେ, ସେମି କଣ୍ଡକ୍ଟର୍, ପେଟ୍ରୋ କେମିକାଲ୍ସ, ରସାୟନ, ଜାହାଜ୍ ତିଆରି, ଆର୍ଥିକ୍ ସେବା, ସବୁଜ ଶକ୍ତି, ଇଲେକ୍ଟ୍ରୋନିକ୍ସ ବାଗିର୍ କ୍ଷେତ୍ରଥି ବିଦେଶୀ ପୁଞ୍ଜିନିବେଶ୍ ଲାଗି ପଦକ୍ଷେପ୍ ନିଆଯିବା । ଆଏବା ୫ ବଛର୍ ଭିତ୍‌ରେ ରାଏଜେ ୫ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଲାଗି ସର୍‌କାର୍ ଯୋଜ୍‌ନା କରିଛନ୍ ବଲି ସେ ସୂଚ୍‌ନା ଦେଇଛନ୍ । ଶିଳ୍ପ ଆଉ ବ୍ୟବସାୟ କ୍ଷେତ୍ରକେ ତହଁକାବାର୍ ସହେତେ ନିଯୁକ୍ତି ସୁଯୋଗ୍ ସୃଷ୍ଟି କରିକରି ବିକଶିତ୍ ଓଡ଼ିଶା ନିର୍ମାଣ ଲାଗି ସର୍‌କାର୍‌ଙ୍କର୍ ପ୍ରତିଶ୍ରୁତିବଦ୍ଧତାକେ ମୁଖ୍ୟମନ୍ତ୍ରୀ ଦୋହରେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ ନିବେଶକମାନ୍‌କର୍ ସହେତେ ଆଲୋଚନା କର୍‌ବେ ଆଉ ଶିଳ୍ପପତି ଆଉ ବାଣିଜ୍ୟିକ ପ୍ରତିନିଧିମାନ୍‌କୁ ଓଡ଼ିଶା ଆସ୍‌ବାର୍‌କେ ନିମନ୍ତ୍ରଣ କର୍‌ବେ ବଲି ଜନାପଡ଼ିଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ଜାନୁଆରୀ ୨୮ ଆଉ ୨୯ ତାରିଖ୍‌ଥି ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫

ଆୟୋଜନ୍ ହେବା । ମିଶନ୍ ଉତ୍କର୍ଷ ଓଡ଼ିଶା ଜରିଏ ସିଙ୍ଗାପୁର୍ ନ ଶିଳ୍ପ ବିଭାଗ୍ ତର୍ଫୁ ଗୁଟେ ରୋଡ୍ ସୋ ଆୟୋଜନ୍ କରାଯିବା ।

ଅକ୍ଷୟ ଶକ୍ତି ଉତ୍ପାଦନ୍- କେନ୍ଦ୍ରମନ୍ତ୍ରୀ ପି.ଆଇ.ବି.

ଦେଶେ ୨୦୩୦ ତକ୍ ଅକ୍ଷୟଶକ୍ତି ଉତ୍ପାଦନ୍‌ର ଲକ୍ଷ୍ୟ ହାସଲ୍ ଲାଗି ଶକ୍ତିମନ୍ତ୍ରଣାଲୟର୍ ସାହାଜିଥି ସବୁ ଅଂଶୀଦାର୍‌ମାନ୍‌କୁ ନେଇକରି ନୂଆଁ ଆଉ ଅକ୍ଷୟଶକ୍ତି ମନ୍ତ୍ରଣାଲୟ ତର୍ଫୁ ଗୁଟେ ଟାସ୍କଫୋର୍ସ ଗଠନ୍ କରାଯିବା ବଲି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଷୀ କହିଛନ୍ । ମନ୍ତ୍ରଣାଲୟ ତର୍ଫୁ ଭୁବ୍‌ନେଶ୍ୱର୍ ଠାନେ ହେଇଥିବାର୍ ଚିନ୍ତନ୍ ଶିବିର୍‌ର ଉଦ୍‌ଯାପନୀ ସମାରୋହ ନ ଶ୍ରୀ ଯୋଷୀ କହିଛନ୍ ଯେ, ଆଏବା ୬ ବରସ୍ ଭିତ୍‌ରେ ୨ ଶହ ୮୮ ଗିଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ଥାପ୍‌ନା କର୍‌ବାର୍ ଦର୍‌କାର୍ ରହିଛେ ।

ରାଷ୍ଟ୍ରଦୂତ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

୨୦ ଟା ଦେଶର୍ ରାଷ୍ଟ୍ରଦୂତ ଆଏଜ୍ ପୁରୀ ଜିଲ୍ଲାର୍ କୋଣାର୍କ ସୂର୍ଯ୍ୟମନ୍ଦିର୍ ଆଉ ବ୍ୟାଖ୍ୟାନ୍ କେନ୍ଦ୍ର ପରିଦର୍ଶନ୍ କରିଛନ୍ । କୋଣାର୍କ ସୂର୍ଯ୍ୟମନ୍ଦିର୍‌ର କଳା, ଭାସ୍କର୍ଯ୍ୟ ସେମାନ୍‌କୁ

ଆକର୍ଷିତ୍ କରିଥିଲା । ଇନ୍ତା ଭାସ୍କର୍ଯ୍ୟ ଅଭୂତପୂର୍ବ ଆର୍ ସବୁଦିନ ସୋର୍ ରହେବା ବଲି ସେମାନେ କହିଛନ୍ ।

ଜାତୀୟ ପ୍ରେସ୍ ଦିବସ୍

ସମ୍ବଲପୁର୍/ ନୂଆପଡ଼ା/ ବଲାଙ୍ଗିର୍/ ବୌଦ୍ଧ/ ଦେବ୍‌ଗଡ଼୍/ ସୋନ୍‌ପୁର୍

ଜାତୀୟ ପ୍ରେସ୍ ଦିବସ୍ ଆଏଜ୍ ପାଲନ୍ କରାଯାଉଛେ । ୧୯୬୬ ମସିହା ଆଝିର୍ ଦିନେ କେନ୍ଦ୍ର ସର୍‌କାର୍ ଭାରତୀୟ ପ୍ରେସ୍ କାଉନ୍‌ସିଲ୍ ଗଠନ୍ କରିଥିଲେ । ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ, ହେଲେ ପ୍ରେସ୍ କାଉନ୍‌ସିଲ୍ ହେଉଛେ ସମ୍ବାଦପତ୍ରମାନ୍‌କର୍ ନୈତିକ ପ୍ରହରୀ । ସମ୍ବାଦପତ୍ରମାନ୍‌କର୍ କାମ୍ ଉପ୍‌ରେ ନଜର୍ ରଖିବାର୍ ସହେତେ ଦର୍‌କାର୍ ପଡ଼୍‌ଲେ ପରାମର୍ଶ, ସମୀକ୍ଷା ଆଉ ବିବାଦୀୟ ସମ୍ବାଦ ପ୍ରସାରଣ୍ ଉପ୍‌ରେ ବିଚାର୍ କର୍‌ବାର୍ ବାଗିର୍ ଆଉ ଅଲ୍‌ଗା କାମ୍ ମାନେ ନୈତିକ୍ ଯାଂଚ୍‌କର୍ତା ଭାବେ ପ୍ରେସ୍ କାଉନ୍‌ସିଲ୍ କର୍‌ସି । ପ୍ରେସ୍ ସ୍ୱାଧୀନତା ବଜାୟରଖିବାର୍ ଦିଗେ ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ କାମ୍ କରୁଛେ ।  ଇ ବଛର୍ ଜାତୀୟ ପ୍ରେସ୍ ଦିବସ୍‌ର ବିଷେ ରଖାଯାଇଛେ 'ଗଣମାଧ୍ୟମ୍‌ର ବଦ୍‌ଲୁଥିବାର୍ ରୂପ୍' ।

ନୂଆଦିଲ୍ଲୀ ଠାନେ ଆୟୋଜିତ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସୂଚନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ ଯେ, ପେଡ୍

ନ୍ୟୁଜ୍ ସମାଜ୍ ଲାଗି ବିପଦ୍ ସାଜିଛେ । ଡିଜିଟାଲ୍ ମିଡ଼ିଆର୍ ଇ ଯୁଗେ ଭୁଲ୍ ଖବର୍‌ର ପ୍ରଚାର୍ ଗୁରୁତର୍ ସମସ୍ୟା ସୃଷ୍ଟି କରିପାରେ ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ । ସେ କହିଛନ୍ ଯେ, ଭାରତ୍‌ର ସ୍ୱାଧୀନତା ସଂଗ୍ରାମ୍ ଆଉ ଜରୁରୀକାଲୀନ ଥିତି ସମିଆଥି ଗଣମାଧ୍ୟମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ଦେଶେ ଡିଜିଟାଲ୍ ମିଡ଼ିଆ ନୂଆଁ ସୁଯୋଗ୍ ସୃଷ୍ଟି କରିଛେ ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

କାର୍ଯ୍ୟକ୍ରମ୍‌ଥି ସୂଚନା ଆଉ ପ୍ରସାରଣ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଏଲ୍. ମୁରୁଗନ୍, ସଚିବ ସଞ୍ଜୟ ଯାଜୁଙ୍କର୍ ସହେଟେ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ହେନ୍ତା ଜାତୀୟ ସାମ୍ବାଦିକ୍ କଲ୍ୟାଣ୍ ବୋର୍ଡ଼ ତର୍‌ଫୁ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ହେଇଥିବାର୍ କାର୍ଯ୍ୟକ୍ରମ୍‌ଥି ମୁଖିଆ କୁନୁଆଁ ଭାବେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ ଯେ, ସମ୍ବାଦ୍ ଖୁଜ୍‌ବାର୍, ସତ୍‌କେ ପର୍‌ଖିବାର୍ ଆର୍ ନିର୍ଭିକ୍ ଆର୍ ନିରପେକ୍ଷ ଭାବେ ସମ୍ବାଦ ପରିବେଷଣ କର୍‌ବାର୍‌ଟା ଝନେ ଭଲ୍ ସାମ୍ବାଦିକର ପରିଚୟ । ବାତ୍ୟା ଦାନା ଆଉ ଇତାର୍ ଉତାରର୍ ବଢ଼ି ଥିତିର୍ ମୁକାବିଲା ଦିଗେ ସାମ୍ବାଦିକ୍‌ମାନ୍‌କର୍ ଭୂମିକାକେ ସେ ପ୍ରଶଂସା କରିଥିଲେ । ସେନ୍ତା ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୁବ ସାମ୍ବାଦିକ୍‌ମାନ୍‌କୁ ମିଛ୍ ଖବର୍‌ନୁ ଦୂରେ ରହିକରି ସତ୍ ଖବର୍ ପରିବେଷଣ୍ କର୍‌ବାର୍‌ବେ ପରାମର୍ଶ ଦେଇଥିଲେ ।

ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ସାମାଜିକ ଗଣମାଧ୍ୟମ୍ ଜରିଏ ଶୁଭେଚ୍ଛା ଜନେଇକରି ପ୍ରେସ୍‌ର ସ୍ୱାଧୀନତା ଗଣତନ୍ତ୍ରକେ ମଜ୍‌ବୁତ୍ କର୍‌ସି ବଲି କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ଶୁଭେଚ୍ଛା ବାର୍ତାଥି ଭିନ୍ ଭିନ୍ ଆହ୍ୱାନ୍‌କେ ସାମ୍ନା କରିକରି ସତ୍‌କେ ସାମ୍ନାକେ ଆନୁଥିବାର୍ ସାମ୍ବାଦିକ୍‌ମାନ୍‌କର୍ ଉତ୍ସର୍ଗୀକୃତ କାମ୍‌କେ ଭୁରି ଭୁରି ପ୍ରଶଂସା କରିଛନ୍ ।

ଆଏଜ୍ ଭୁବ୍‌ନେଶ୍ୱର୍ ଲୋକସମ୍ପର୍କ ଭବନ୍ ସମ୍ମିଲନୀ କକ୍ଷଠାନେ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ୍ ସମାରୋହଥି ଭାରତୀୟ ପତ୍ର ସୂଚନା ସେବାର ବରିଷ୍ଠ ଅଧିକାରୀ ଆଉ ପତ୍ରସୂଚନା କାର୍ଯ୍ୟାଲୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର୍ ମିଶ୍ର ଯୋଗ୍ ଦେଇଥିଲେ । ସେ ପ୍ରେସ୍ ଦିବସ୍ ପାଲନ୍‌ର ତାତ୍ପର୍ଯ୍ୟ ଆଉ ଗଣମାଧ୍ୟମ୍‌ର ସ୍ୱାଧୀନତା ଉପ୍‌ରେ ଆଲୋକପାତ କରିଥିଲେ ।

ସମ୍ବଲପୁର୍ ଠାନେ ଜିଲ୍ଲା ପ୍ରଶାସନ୍ ଆଉ ପ୍ରେସ୍ କ୍ଲବ୍ ତର୍‌ଫୁ ଗଣମାଧ୍ୟମ୍‌ର ବଦ୍‌ଲିଥିବାର୍ ରୂପ୍ ବାବ୍‌ଦର୍ ଆଲୋଚନାଚକ୍ରଥି ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟର୍ କୁଳପତି  ବିଧୂଭୂଷଣ ମିଶ୍ର, ଏଡିଏମ୍ ଅଜାୟର୍ ମହାନ୍ତି, କ୍ଲବ୍‌ର ସଭାପତି ତ୍ରିବିକ୍ରମ୍ ପ୍ରଧାନ୍, ଜିଲ୍ଲା ସୂଚନା ଅଧିକାରୀ ସଂଯୁକ୍ତା କୁଲୁ ଆଲୋଚନା କରିଥିଲେ ।

ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବାର୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ସମାଜ୍ ନ ସମନ୍ୱୟ ଥାପ୍‌ନାଥି ପ୍ରେସ୍‌ର ଭୂମିକା ଉପ୍‌ରେ ଆଲୋଚନା କରିଥିଲେ । ଇନ

ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ନାଗରିକ୍‌ମାନେ ଭିଲ୍ ସାମିଲ୍ ହେଇଥିଲେ ।

ବଲାଙ୍ଗିର୍ ଜିଲ୍ଲା ସାମ୍ବାଦିକ୍ ଭବନ୍ ଠାନେ ଗୁଟେ ସଭାଥି ଜିଲ୍ଲାପାଲ୍ ଗୌରବ୍ ଶିବାଜୀ ଇସଲ୍‌ୱାର୍ ଗଣମାଧ୍ୟମ୍‌ର ବଦ୍‌ଲିଥିବାର୍ ଥିତି ଆଉ ମୌଳିକାତା ବଜାୟ ରଖିବାର୍ ଉପ୍‌ରେ ଆଲୋଚନା କରିଥିଲେ ।

ଦେବ୍‌ଗଡ୍ ଜିଲ୍ଲା ପ୍ରଶାସନ୍ ଆଉ ସାମ୍ବାଦିକ୍ ସଂଘ ତର୍‌ଫୁ ପ୍ରେସ୍ ଦିବସ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଆଉ ଏସ୍.ପି. ଅନୀଲ୍ କୁମାର୍ ମିଶ୍ର ସମାଜ୍ ଲାଗି ସାମ୍ବାଦିକ୍‌ମାନ୍‌କର୍ ଦାୟିତ୍ୱବୋଧ ଉପ୍‌ରେ ଆଲୋଚନା କରିଥିଲେ ।

ବୌଦ୍ଧ ଠାନେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ମୁଖିଆ କୁନୁଆଁ, ନଗର୍‌ପାଲ୍ ମୃତ୍ୟୁଞ୍ଜୟ ମିଶ୍ର ଆର୍ ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ କୁନୁଆଁ ଭାବେ ଯୋଗ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ଆଉ ସାମ୍ବାଦିକ ସଂଘ ତର୍‌ଫୁ ହେଇଥିବାର୍ ସଭାଥି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର୍ ଉପାଧ୍ନୁତର ପରିଷଦର୍ ଅଧ୍ୟକ୍ଷ ରାଜ୍‌କିଶୋର୍ ପାତ୍ର ଇହାଦେର୍ ଥିତିର୍ ଆହ୍ୱାନ୍ ଆର୍ ଗଣମାଧ୍ୟମ୍‌ର ଭୂମିକା ସହେତେ ବୈଷୟିକ ଜ୍ଞାନ୍ କୌଶଲ୍‌ର ବେଭାର୍ ବାବ୍‌ଦେ ଆଲୋଚନା କରିଥିଲେ ।

ଓମ୍‌ଫେଡ୍ ଡାଇରୀ ପ୍ଲାଂଟ୍ ଆର୍‌ଏନ୍‌ୟୁ/ କଟକ୍

ସମ୍ବଲ୍‌ପୁର୍- ବ୍ରହ୍ମପୁର୍ ଆର୍ ବାଲେଶ୍ୱର୍ ଠାନେ ଓମ୍‌ଫେଡ଼୍‌ର ଡାଇରୀ ପ୍ଲାଂଟ୍ ପ୍ରତିଷ୍ଠା କରାଯିବା ବଲି ମତ୍ସ୍ୟ ଆଉ ପଶୁସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ । ଭୁବ୍‌ନେଶ୍ୱର୍ ଶହୀଦ୍ ନଗର୍ ଠାନେ ଥିବାର୍ ଓମ୍‌ଫେଡ଼୍ କାର୍ଯ୍ୟାଳୟ ନ ଗୁଟେ ସମୀକ୍ଷା ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ଯେ, ନୂଆଁ ଡାଇରୀ ପ୍ଲାଂଟ୍ ଲାଗି ଡିପିଆର୍ ତିଆର୍ ହେଇସାରିଛେ । ଓମ୍‌ଫେଡ଼୍ ତିଆରି ପାଏନ୍, ଚକ୍‌ଲେଟ୍ ଆର୍ ଆଇସ୍‌କ୍ରିମ୍ ବଜାର୍‌କେ ଆନ୍‌ବାର୍ ଲାଗି ପ୍ରୟାସ୍ ଜାରି ରହିଛେ । ସେନ୍ତା ପଂଚାୟତ୍‌ମାନ୍‌କେ ଓମ୍‌ଫେଡ଼୍ ପାର୍ଲର୍ ଖୁଲ୍‌ବାର୍ ଲାଗି ଭିଲ୍ ବ୍ୟବସ୍ଥା ହେଇଛେ ।

ବିଷ୍ଣୁ ଶାନ୍ତି ମହାଯଜ୍ଞ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଡମ୍ବରୁଗଡ଼୍ ସିଦ୍ଧଗୁରୁ ମଠ ଠାନେ ଚାଲିଥିବା ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଆଏଜ୍ ଉଦ୍‌ଯାପିତ୍ ହେଇଛେ । ୫ ଦିନ୍ ଧରିକରି ଚାଲିଥିବା ଇ ଯଜ୍ଞଥି ପାରମ୍ପରିକ୍ କଳା ପରିବେଷଣ ସହେତେ ଜ୍ଞାନ, ଅନ୍ନ, ଘୃତ, ଜପ ଆର୍ ନାମଯଜ୍ଞ କରାଯାଇଥିଲା । ହେନ୍ତା ଯୋଗ ଆଉ ପ୍ରାଣାୟାମ୍, ପ୍ରାକୃତିକ ଆର୍ ଆୟୁର୍ବେଦିକ୍ ଚିକିତ୍ସା ଶିବିର ଭିଲ୍ ଅନୁଷ୍ଠିତ୍ ହେଇଥିଲା ।

ଗୟଳ ଗଣନା          ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଙ୍ଗଲ୍ ଡିଭିଜନ୍‌ର ଡେବ୍ରିଗଡ୍ ଅଭୟାରଣ୍ୟ ନ ୬ ଶହ ୫୯ ଟା ଗୟଳ ଥିବାର୍ ଜନାପଡ଼ିଛେ । ଡିଭିଜନ୍‌ର ଲଖନ୍‌ପୁର୍ ଆର୍ କମଗାଁ ରେଞ୍ଜ୍ ନ ୨ ଦିନ୍ ଧରିକରି ହେଇଥିବା ଗୟଳ ଗଣନା ସମିଆଥି ଅଭୟାରଣ୍ୟ ନ ପାଖାପାଖି ୩୦ ପ୍ରତିଶତ୍ ଛୁଆ ଗୟଳ ଅଛନ୍ ବଲି ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ । ଇ ଗୟଳ ଗଣନା କାର୍ଯ୍ୟକ୍ରମ୍‌ଥି ୫୩ ଟା ଟିମ୍ ନ ଶହେ ୧୪ ଝନ୍ ସାମିଲ୍ ହେଇଥିଲେ ।

ଆଇନ୍ କଲେଜ୍ -ନୂଆଁ ପାଠ୍ୟକ୍ରମ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁର୍‌ର ଲାଲା ଲଜ୍‌ପତ୍ ରାୟ ଆଇନ୍ କଲେଜ୍ ନ ପହେଲା ବଛ୍‌ରର୍ ଛାତ୍ରଛାତ୍ରୀଙ୍କର୍ ଲାଗି ୩ ଟା ନୂଆଁ ପାଠ୍ୟକ୍ରମ୍ ମୁଲ୍ ହେବା । ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାରଗିକ୍ ସୁରକ୍ଷା ସଂହିତା ଆଉ ଭାରତୀୟ ସାକ୍ଷ୍ୟ ଅଧିନିୟମ୍ ବିଷେଥି ଇଥରର୍‌ନୁ ଛାତ୍ରଛାତ୍ରୀମାନେ ଅଧ୍ୟୟନ୍ କର୍‌ବେ । ଗଲାବଛର୍ ଇ ନୂଆଁ ଆଇନ୍‌ମାନ୍‌କୁ କେନ୍ଦ୍ର ସର୍‌କାର୍ ଅନୁମୋଦନ୍ କରିଥିଲେ ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଗଲା ୨ ଦିନ୍ ହେଲା ରାତିର୍ ତାତି କମ୍‌ବାର୍ ସହେତେ ଶୀତ୍ ଜନାପଡୁଛେ । ହେଲେ ଆଏଜ୍‌ଠାନୁ ଆଏବା ୫ ଦିନ୍ ଭିତ୍‌ରେ ଭିନ୍ ଭିନ୍ ଜାଗା ନ ୪ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ତାତି କମ୍‌ବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍

କରିଛେ । ହପ୍ତେତକ୍ ରାଏଜେ ପାଗ୍ ଶୁଖା ରହେବା ଆର୍
ସମିଆ ଭିତ୍ରେ ଦିନ୍ ଆର୍ ରାତିର୍ ତାତି କମିପାରେ ।